ଶନିବାର, ୨୭ ଏପ୍ରିଲ, ୨୦୨୪

# ପିଲାଙ୍କ ଧରିତ୍ରୀ



# ସ୍ୱାଭିମାନୀ ମଧୁବାବୁ



ତୁମ ପରି ପିଲାଟିଏ। ଖୁବ୍ ବୁଦ୍ଧିଆ ଏବଂ ସାହସୀ। ପିଲାଟି କଟକ ସରକାରୀ ଜିଲ୍ଲା ସ୍କୁଲରେ ପାଠ ପଢୁଥିଲା। ସେତେବେଳେ ସ୍କୁଲରେ ଓଡ଼ିଆ ଛାତ୍ରମାନଙ୍କ ଅପେକ୍ଷା ବଙ୍ଗାଳୀ ଛାତ୍ରଙ୍କ ସଂଖ୍ୟା ଥିଲା ଅଧିକ। ତେଣୁ ପିଲାଟିକୁ ବଙ୍ଗାଳୀ ଛାତ୍ରମାନେ ଖୁବ୍ ଘୃଣା ଓ ହୀନଚକ୍ଷୁରେ ଦେଖୁଥିଲେ। ଏପରିକି ଅଧିକାଂଶ ସମୟରେ ଖରାପ ବ୍ୟବହାର ସହ ଥଟ୍ଟା ପରିହାସ ମଧ୍ୟ କରୁଥିଲେ। ଦିନେ ସେହି ସ୍କୁଲର ପ୍ରଧାନଶିକ୍ଷକ ଇଂରାଜୀ ପାଠ ପଢ଼ାଉଥିବା ବେଳେ କୌଣସି ଗୋଟିଏ ବାକ୍ୟର ଅର୍ଥକୁ ଭୁଲ୍ ବୁଝାଇଲେ। କିନ୍ତୁ ପିଲାଟି ସେ ଅର୍ଥକୁ ଜମାରୁ ଗ୍ରହଣ କଲା ନାହିଁ। ସେ ସାହସର ସହ ଶ୍ରେଣୀରେ ପ୍ରତିବାଦ କଲା।

ଏ ଘଟଣାରେ ପ୍ରଧାନଶିକ୍ଷକ ଭୀଷଣ ରାଗି ଯାଇ ସେହି ପିଲାକୁ ସ୍କୁଲରୁ ବାହାର କରିଦେଲେ। ପିଲାଟି ମୁଣ୍ଡରେ ବଜ୍ର ପଡ଼ିଲା ଭଳି ଲାଗିଲା। କ'ଣ କରିବ କିଛି ଭାବି ପାରିଲା ନାହିଁ। ରାତିସାରା ନିଦ ହେଲା ନାହିଁ। ପିଲାଟିର ସହପାଠୀମାନେ ପ୍ରଧାନଶିକ୍ଷକଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବାକୁ ପରାମର୍ଶ ଦେଲେ। କିନ୍ତୁ ପିଲାଟି ସ୍ୱାଧୀନଚେତା ଓ ଦୃଢ଼ ନିଶ୍ଚିତ ଥିଲା ଯେ, ସେ କିଛି ଭୁଲ୍ କରି ନାହିଁ। ସେ ସାଥୀମାନଙ୍କ କଥାକୁ ପ୍ରତ୍ୟାଖ୍ୟାନ କଲା। ନିର୍ଭୀକ ପିଲାଟି ଏ ବିଷୟରେ ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀଙ୍କୁ ଲିଖିତ ଆକାରରେ ଜଣାଇଲା ଓ ବିନା ଅପରାଧରେ ତାଙ୍କ ପ୍ରତି କରାଯାଇଥିବା ଅନ୍ୟାୟର ପୁନର୍ବିଚାର କରିବା ପାଇଁ ଅନୁରୋଧ କଲା। ସବୁ ଶୁଣି ସାରି ସେହି ଉଚ୍ଚ ଅଧିକାରୀ ନିଜେ ସ୍କୁଲକୁ ଆସି ଘଟଣାର ସମାଧାନ କଲେ ଏବଂ ପିଲାଟିକୁ ପୁନଃ ସ୍କୁଲରେ ପାଠ ପଢ଼ିବା ପାଇଁ ପ୍ରଧାନଶିକ୍ଷକଙ୍କୁ ଆଦେଶ ଦେଲେ। ତେବେ ସେହି ପିଲାଟି କିଏ ଜାଣିଛ? ସେ ହେଉଛନ୍ତି ଆମ ଓଡ଼ିଶାର ବରପୁତ୍ର ସ୍ୱାଭିମାନୀ ଉତ୍କଳ ଗୌରବ ମଧୁସୂଦନ ଦାସ।

ମଧୁସୂଦନ କଟକର ସତ୍ୟଭାମାପୁର ଗ୍ରାମରେ ୧୮୪୮ ଏପ୍ରିଲ ୨୮ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ବାପାଙ୍କ ନାମ ଥିଲା ଚୌଧୁରୀ ରଘୁନାଥ ଦାସ ଓ ମାତା ପାର୍ବତୀ ଦେବୀ। ଓଡ଼ିଶାବାସୀଙ୍କ ନିକଟରେ ସେ ମଧୁ ବାରିଷ୍ଟର ନାମରେ ପରିଚିତ ଥିଲେ। ସବୁଥିରେ ସେ ଥିଲେ ପ୍ରଥମ ଓଡ଼ିଆ। ଓଡ଼ିଶାର ପ୍ରଥମ ଉଚ୍ଚ ପଦାଧିକାରୀ, ପ୍ରଥମ ଗ୍ରାଜୁଏଟ୍, ପ୍ରଥମ ଏମ୍.ଏ., ପ୍ରଥମ ବିଲାତ ଯାତ୍ରୀ, ପ୍ରଥମ ଓଡ଼ିଆ ଓକିଲ। ସେ ମଧ୍ୟ ଥିଲେ ପ୍ରଥମ ଓଡ଼ିଆ ମନ୍ତ୍ରୀ ଏବଂ ମନ୍ତ୍ରୀ ପଦ ଅବୈତନିକ ଦାବି କରି ସେ ଇସ୍ତଫା ଦେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଉତ୍କଳ ଜନନୀ ଓ ଉତ୍କଳବାସୀଙ୍କ ପାଇଁ ତାଙ୍କ ପ୍ରାଣ କାନ୍ଦି ଉଠିଥିଲା। ସେତେବେଳେ ଓଡିଶାର ସ୍ୱତନ୍ତ୍ର ସ୍ଥିତି କିଛି ନ ଥିଲା। ଏହାର କିଛି ଅଂଶ ବିହାର, ମଧ୍ୟପ୍ରଦେଶ, ବଙ୍ଗ, ମାଡ୍ରାସ ସହ ମିଶି ରହିଥିଲା। ଖଣ୍ଡ ବିଖଣ୍ଡିତ ଉତ୍କଳକୁ ଏକତ୍ରିତ କରିବା ପାଇଁ ସେ ଉତ୍କଳ ସମ୍ମିଳନୀ ଗଠନ କରି ସୁପ୍ତ ପ୍ରାୟ ଓଡ଼ିଆଙ୍କୁ ଜାଗ୍ରତ କରିଥିଲେ। ଶେଷରେ ୧୯୩୪ ମସିହା ଫେବୃଆରୀ ୪ ତାରିଖ ଦିନ ଉତ୍କଳବାସୀଙ୍କୁ ଶୋକ ସାଗରରେ ଭସାଇ ୮୫ ବର୍ଷ ବୟସରେ ଇହଧାମ ତ୍ୟାଗ କରିଥିଲେ। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଫକିର ମୋହନ ସେନାପତି କହିଥିଲେ- ଧନ୍ୟ ଧନ୍ୟ ମଧୁସୂଦନ, ଉତ୍କଳ ମାତାର ଯୋଗ୍ୟ ସନ୍ତାନ, ଦେଲ ଉତ୍କଳକୁ ନବ ଜୀବନ, ଶିଖାଇଲ ଲୋକ ଜାତିବନ୍ଦନ।

**– ପ୍ରଭାତ କୁମାର ମହାପାତ୍ର**
ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ,
କୋରାପୁଟ
ମୋ: ୭୮୯୪୦୦୫୪୫୫

## ଖିଲି ଖିଲି ହସ

ପୁଅ ଦେହ ଅସୁସ୍ଥ ହେବାରୁ ରାଜୁ ଡାକ୍ତରଙ୍କ ନିକଟକୁ ନେଇକି ଗଲା।
ଡାକ୍ତର: ପିଲାକୁ ପାଣି ପିଆଇବା ପୂର୍ବରୁ ତାକୁ ଗରମ କରି ଦିଅନ୍ତୁ।
ରାଜୁ: ଡାକ୍ତରବାବୁ, ତାକୁ ଫୁଟାଇଲେ ସେ ତ ମରିଯିବ!

ବିଦେଶ ଯାତ୍ରା କରି ମହେଶ ଘରକୁ ଆସି ତା' ସାଙ୍ଗକୁ କହିଲା- ଆରେ ସାଙ୍ଗ, ମୁଁ ବିଦେଶରୁ ଫେରିଲା ପରେ କ'ଣ ବିଦେଶୀ ଭଳି ଦେଖାଯାଉଛି କି?
ସାଙ୍ଗ: ନା ତ!
ମହେଶ: ତେବେ ଲଣ୍ଡନରେ ମୋତେ ଦେଖି ଜଣେ କହିଲେ ଏଇଟା ବିଦେଶୀ।

ଥରେ ଜଣେ ବ୍ୟକ୍ତି ଗାଡ଼ି ଚଲାଇ ଯାଉଥିବା ବେଳେ ପୋଲିସ୍ ଧରିଲା। ଗାଡି ଚଲାଉଥିବା ବ୍ୟକ୍ତି ଜଣକ ପେସାରେ ଶିକ୍ଷକ ଥିଲେ।
ଶିକ୍ଷକ: ମୋତେ ଛାଡିଦିଅ ମୋର ସ୍କୁଲ୍ ଅଛି, ମୁଁ ଯାଉଛି।
ପୋଲିସ୍: ହା ହା ହା, ଆଜି ଆପଣଙ୍କୁ ମୁଁ ଛାଡିବିନି। କାରଣ ଠିକ୍ ମୁଁ ଏହିଦିନକୁ ଅପେକ୍ଷା କରିଥିଲି। ଏବେ ଆପଣ ଗୋଟେ କାଗଜରେ ୧୦୦ଥର ଲେଖନ୍ତୁ ଯେ ମୁଁ ଟ୍ରାଫିକ୍ ନିୟମ ମାନିବି। ଏଇଟା ହେଉଛି ଆପଣଙ୍କର ପନିଶ୍‌ମେଣ୍ଟ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by
Sri Tathagata Satpathy on behalf of
Navajat Printers & Media Pvt.Ltd.
and printed at Navajat Printers, B-15,
Rasulgarh Industrial Estate,
Bhubaneswar-10, Ph. (0674) 2580101,

## ମତାମତ

▶▶ 'ବାଣ୍ଟିବାର ଆନନ୍ଦ' ଗପଟି ପଢ଼ିବାକୁ ବହୁତ ଭଲ ଲାଗିଲା।
**– ଚିତ୍ରଲେଖା ଲେଙ୍କା, ସୁନାବେଡା, କୋରାପୁଟ**

▶▶ ଜଣା ଅଜଣା ପୃଷ୍ଠାରେ 'ଲୁହା ବର୍ଷା ହେଉଥିବା ଗ୍ରହ' ବିଷୟରେ ନୂଆ କଥା ଜାଣିବାକୁ ପାଇଲି।
**– ମୋନାଲି ରାଉତ, ଢେଙ୍କାନାଳ**

▶▶ ତୁମ ତୂଳୀରେ ପ୍ରକାଶିତ ଚିତ୍ରଗୁଡିକ ବହୁତ ସୁନ୍ଦର ହେଉଛି।
**– ରାଜେଶ ରାୟ, ମହାକାଳପଡ଼ା, କେନ୍ଦ୍ରାପଡ଼ା**

▶▶ 'କହିଲ ଦେଖି' ସ୍ତମ୍ଭରେ ବିଭିନ୍ନ ବିଷୟ ଉପରେ ପ୍ରକାଶିତ ପହେଲି ଶିକ୍ଷଣୀୟ ହେବା ସହ ପଢ଼ିବାକୁ ମଜା ଲାଗୁଛି।
**– ଚନ୍ଦନ ମହାନ୍ତି, ରାଉରକେଲା**

## ରଙ୍ଗ ଦିଅ





# ଅକ୍ଟୋପସ୍

ଅକ୍ଟୋପସ୍ ସମ୍ପର୍କରେ ଜାଣନ୍ତୁ କିଛି ଭିନ୍ନ କଥା।

➲ ଅକ୍ଟୋପସ୍ ସାଧାରଣତଃ ସମୁଦ୍ର ଜଳରେ ବାସ କରନ୍ତି। ପ୍ରାୟ ୩୦୦ ପ୍ରଜାତିର ଅକ୍ଟୋପସ୍ ଅଛନ୍ତି। ଖାଦ୍ୟ ସଂଗ୍ରହ ନିମନ୍ତେ ଏମାନେ ବେଳେବେଳେ ସମୁଦ୍ରର ଉପରଭାଗକୁ ଆସିଥାନ୍ତି।

➲ ଅକ୍ଟୋପସ୍‌ର ତିନୋଟି ହାର୍ଟ ରହିଛି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଅକ୍ଟୋପସ୍‌ର ରକ୍ତର ରଙ୍ଗ ନୀଳ ହୋଇଥାଏ।

➲ ଅତ୍ୟଧିକ ଭୋକ ଲାଗିଲେ ଅକ୍ଟୋପସ୍ ନିଜ ଶରୀରର ମାଂସକୁ ଖାଇ ଦେଇଥାଏ।

➲ ଏମାନଙ୍କ ମଧ୍ୟରୁ କେତେକ ପ୍ରଜାତିର ଅକ୍ଟୋପସ୍ ମାତ୍ର ଛଅ ମାସ ଜୀବିତ ରୁହନ୍ତି ଏବଂ ଆଉ କେତେକ ପ୍ରଜାତି ୫ ବର୍ଷ ପର୍ଯ୍ୟନ୍ତ ବଞ୍ଚନ୍ତି। ତେବେ ଏମାନେ ଖୁବ୍ ଚାଲାକ ହୋଇଥାନ୍ତି, କାରଣ ଏମାନଙ୍କର ନଅଟି ମସ୍ତିଷ୍କ ରହିଛି।

➲ କେତେକ ପ୍ରଜାତିର ଅକ୍ଟୋପସ୍ ଅତ୍ୟନ୍ତ ବିଷାକ୍ତ ହୋଇଥା'ନ୍ତି। ଏମାନେ କାମୁଡ଼ିଦେଲେ ମଣିଷର ମୃତ୍ୟୁ ମଧ୍ୟ ହୋଇଯାଏ। ଏହି କାରଣରୁ ଅକ୍ଟୋପସ୍‌ଙ୍କୁ ସମୁଦ୍ରର ରାକ୍ଷସ ମଧ୍ୟ କୁହାଯାଏ।

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

କେବଳ ପାଠପଢ଼ା ନୁହେଁ, ଆହୁରି କେତେକ କ୍ଷେତ୍ରରେ ପିଲାମାନଙ୍କର ଦାୟିତ୍ୱବୋଧ ରହିଛି । ସେ ବିଷୟରେ ସେମାନେ ସଚେତନ ହେବା ଦରକାର...





# ଦାୟିତ୍ୱବୋଧ

ପାଠ ପଢ଼ିବା ବେଳେ କେତେକ ପିଲା ବିଶେଷଭାବରେ ପାଠପଢ଼ା ପ୍ରତି ଅଧିକ ଧ୍ୟାନ ଦେଇଥାଆନ୍ତି । ସ୍କୁଲକୁ ନିୟମିତ ଯିବା, ଠିକ୍ ଭାବରେ କ୍ଲାସ ପଢ଼ାକୁ ଅନୁସରଣ କରିବା ଏବଂ ହୋମ୍‌ୱର୍କରେ ସେମାନେ ପ୍ରାୟ ଜଡିତ ଥାଆନ୍ତି । ଏଗୁଡ଼ିକୁ ଠିକ୍ ଭାବରେ ତୁଲାଇବା ସହଜ କଥା ନୁହେଁ । ପାଠ ପ୍ରତି ନିଜର ଦାୟିତ୍ୱ କେତେ ରହିଛି ତାହା ପ୍ରଥମେ ଏହାକୁ ନିଜେ ହୃଦୟଙ୍ଗମ କରନ୍ତୁ । ତେଣୁ ଏସବୁକୁ କିପରି ଠିକ୍ ଭାବରେ ତୁଲାଇବେ ତାହା ଉପରେ ଗୁରୁତ୍ୱ ଦେବା ଜରୁରୀ ।

## ରୋଲ୍ ମଡେଲ

ପିଲା ନିଜ ମାତାପିତାଙ୍କୁ ଦେଖି ଅନେକ କିଛି ଶିଖିଥାଏ । ସେମାନେ କିପରି ନିଜ ନିଜ ଦାୟିତ୍ୱ ତୁଲାଉଛନ୍ତି, ସେଥିରୁ ଶିଖିବାକୁ ଚେଷ୍ଟା କରନ୍ତୁ । ନିଜ ବ୍ୟବହାର ପ୍ରତି ସଚେତନ ରୁହ । ଅନ୍ୟମାନଙ୍କ ସହ କଥାବାର୍ତ୍ତା ହେବା ସମୟରେ ସଞ୍ଜମତା ରକ୍ଷା କରନ୍ତୁ । କାରଣ କଥାବାର୍ତ୍ତା ଶୈଳୀ ଏବଂ ବ୍ୟବହାର ହିଁ ତୁମମାନଙ୍କୁ ଅନ୍ୟମାନଙ୍କ ନିକଟରେ ପ୍ରିୟପାତ୍ର କରାଇଥାଏ । ଅନ୍ୟମାନଙ୍କ ଦାୟିତ୍ୱବୋଧ ବିଷୟରେ ତର୍ଜମା କରି ତାହାକୁ ଅନୁସରଣ କରିବାକୁ ଚେଷ୍ଟା କରନ୍ତୁ । ଏ କ୍ଷେତ୍ରରେ ଜଣଙ୍କୁ ନିଜର ରୋଲ୍ ମଡେଲ ଭାବରେ ଗ୍ରହଣ କରିପାରିବେ ।

## ଧୈର୍ଯ୍ୟ

ପାଠ ପଢ଼ିବା ବେଳେ ପିଲାମାନେ ଟେନ୍‌ସନର ବଶବର୍ତ୍ତୀ ହୋଇଥାଆନ୍ତି । କାରଣ ଏତେଗୁଡ଼ାଏ ପାଠ କିପରି ଶେଷ କରିବେ, ସେ ନେଇ ଆବଶ୍ୟକତାଠାରୁ ଅଧିକ ଚିନ୍ତା କରନ୍ତି । ହେଲେ ଏହି ସମୟରେ ଧୈର୍ଯ୍ୟର ଆବଶ୍ୟକତା ରହିଛି । ଯଦି ତୁମେ ଅଧୈର୍ଯ୍ୟ ହୋଇପଡିଲ, ତେବେ ସବୁକିଛି ଗୋଳମାଳ ହୋଇଯିବାର ଆଶଙ୍କା ରହିଛି । ତେଣୁ ସବୁବେଳେ ରୁଟିନ ମୁତାବକ କାମ କରନ୍ତୁ । କେଉଁ କାମ କେତେବେଳେ ତୁଲାଇବେ ସେ ନେଇ ନିଜକୁ ପ୍ରସ୍ତୁତ କରିନିଅ । ଏହି ସମୟରେ ଅଯଥାରେ ବ୍ୟସ୍ତ ହୋଇ ଟେନ୍‌ସନକୁ ଡାକି ଆଣ ନାହିଁ । କୌଣସି କାମକୁ ଧୈର୍ଯ୍ୟର ସହ ସମ୍ପାଦନ କରିବାକୁ ଚେଷ୍ଟା କରନ୍ତୁ । କେତେକ କାମ ଶେଷ ହେବାକୁ କିଛି ସମୟ ନେଇଥାଏ । ତେଣୁ ଏ ସମୟରେ ବ୍ୟସ୍ତ ହୋଇପଡିବା ବିଜ୍ଞତାର ପରିଚାୟକ ନୁହେଁ । ଧୈର୍ଯ୍ୟର ସହ ଆଗେଇଲେ ତୁମେ ନିଜ ଲକ୍ଷ୍ୟ ପଥରେ ସହଜରେ ଅଗ୍ରସର ହୋଇପାରିବ ।

## ଛୋଟ ଛୋଟ ଦାୟିତ୍ୱ

ପାଠ ପଢ଼ିବା ବ୍ୟତୀତ ତୁମେମାନେ ଘରେ ଛୋଟ ଛୋଟ ଦାୟିତ୍ୱ ନେଇପାରିବ । ଯେମିତିକି ଗଛରେ ପାଣିଦେବା, ନିଜ ରୁମ୍‌କୁ ସଫା ରଖିବା, ବହିପତ୍ରକୁ ଠିକ୍ ସ୍ଥାନରେ ରଖିବା, ନିଜ ପୋଷାକ ପରିଷ୍କାର ପରିଚ୍ଛନ୍ନ ଅଛି କି ନାହିଁ ଦୃଷ୍ଟିଦେବା ଇତ୍ୟାଦି । ଏସବୁ କାମ ଦୀର୍ଘକାଳୀନ ନୁହେଁ । ଅନ୍ୟପକ୍ଷରେ ଏସବୁ ପାଇଁ ପାଠପଢ଼ା ଟାଇମ୍‌କୁ ଛାଡି ଅନ୍ୟ ସମୟ ଦେବା ଦରକାର । ଧୀରେ ଧୀରେ ଏସବୁ କାମ ନିଜେ କରିବାକୁ ଚେଷ୍ଟା କରନ୍ତୁ । ଭାବିନିଅ ଯେ, ଏଭଳି କାମ ତୁମ ପାଇଁ ଏକ ଅତିରିକ୍ତ ଦାୟିତ୍ୱ ଏବଂ ତୁମେ ଏସବୁକୁ ଠିକ୍ ଭାବରେ ତୁଲାଇ ପାରିବ ।



## ପ୍ରୋତ୍ସାହନ

ନିଜ ଦାୟିତ୍ୱ ତୁମେ କିପରି ତୁଲାଉଛ ତାହାକୁ ନିଶ୍ଚୟ ତୁମର ମା'ବାପା, ପରିବାରର ଗୁରୁଜନ ପ୍ରମୁଖ ଲକ୍ଷ୍ୟ କରୁଥିବେ । ତୁମେ ଯଦି ଠିକ୍ ଭାବରେ ନିଜ ଦାୟିତ୍ୱ ତୁଲାଉଛ, ତେବେ ସେମାନେ ତୁମକୁ ନିଶ୍ଚୟ ପ୍ରଶଂସା କରୁଥିବେ । ଏଭଳି ପ୍ରୋତ୍ସାହନକୁ ଆଧାର କରି ତୁମେ ନିଜ ଦାୟିତ୍ୱ ପ୍ରତି ଆହୁରି ଯତ୍ନବାନ ହେବାକୁ ଚେଷ୍ଟା କରିବା ଦରକାର । ଯଦି ଏ ନେଇ ସେମାନେ କିଛି କହୁଛନ୍ତି, ତେବେ ତାହାକୁ ଭଲ ଭାବରେ ତର୍ଜମା କର । କାରଣ ମା'ବାପା, ଗୁରୁଜନ, ଶିକ୍ଷୟିତ୍ରୀ-ଶିକ୍ଷକମାନେ ତୁମକୁ ସବୁବେଳେ ଭଲ ବାଟରେ ନେଇ ଯିବାକୁ ଗାଇଡ୍ କରିଥାଆନ୍ତି । ତେଣୁ ସେମାନଙ୍କ କଥାକୁ ଅଣଦେଖା କରିବା ଆଦୌ ଠିକ୍ ନୁହେଁ ।




## ଏମାନେ କ'ଣ କରନ୍ତି

### ଦାୟିତ୍ୱ ପ୍ରତି ସଚେତନ ଥାଏ



ଛାତ୍ର ଜୀବନରେ ଅନେକ ବିଷୟ ପ୍ରତି ସଚେତନ ରହିବାକୁ ପଡ଼ିଥାଏ । ଏହି ସମୟରେ ପାଠପଢ଼ା ହେଉଛି ମୁଖ୍ୟ କାମ । ତେଣୁ ଏଥିପ୍ରତି ଦୃଷ୍ଟି ଦେବା ନିହାତି ଦରକାର । ବର୍ତ୍ତମାନ ମୁଁ ଏଥିପ୍ରତି ମୋର କେତେ ଦାୟିତ୍ୱ ରହିବା ଦରକାର ସେନେଇ ସତର୍କ ରହିଛି । ପାଠପଢ଼ା ବ୍ୟତୀତ ମୁଁ ସବୁବେଳେ ନିଜ କାମ ନିଜେ କରିଥାଏ । କାରଣ ବଡ଼ ହେବା ସହ ଅନ୍ୟ କେତେକ କାମ ତୁଲାଇବାକୁ ପଡ଼େ । ସେହି ଅନୁସାରେ ମୁଁ ନିଜକୁ ପ୍ରସ୍ତୁତ କରିନିଏ । ବର୍ତ୍ତମାନ ନୂଆ କ୍ଲାସ । ତେଣୁ ନୂଆ ପାଠ ପ୍ରତି ଆରମ୍ଭରୁ ନଜର ଦେଇଛି । ମୁଁ ସବୁବେଳେ ନିଜ ଦାୟିତ୍ୱ ପ୍ରତି ବେଶ୍ ସଚେତନ ଥାଏ ।

**-ଦେବଶ୍ରିତା ପଟ୍ଟନାୟକ**, କ୍ଲାସ-୧୦,
ବ୍ଲେସଡ୍ ସାକ୍ରାମେଣ୍ଟ ହାଇସ୍କୁଲ, ପୁରୀ

### ଦାୟିତ୍ୱବୋଧ ସବୁଠାରୁ ବଡ଼ କଥା



କେବଳ ପାଠପଢ଼ା ନୁହେଁ, ଏହାବ୍ୟତୀତ ନିଜର ଅନ୍ତର୍ନିହିତ ପ୍ରତିଭା ପ୍ରତି ଦୃଷ୍ଟି ଦେବାକୁ ପଡ଼େ । କାରଣ ଏହି ଦୁଇଟି ଜିନିଷରେ ସଫଳତା ହାସଲ ଲାଗି ସମୟ ଦେବାକୁ ପଡିଥାଏ । ନିଜ ଦାୟିତ୍ୱକୁ ନେଇ ମୁଁ ସବୁବେଳେ ସଚେତନ ଥାଏ । କାରଣ ଛାତ୍ର ଜୀବନରେ ଦାୟିତ୍ୱବୋଧତାକୁ ମୁଁ ସବୁଠାରୁ ବଡ଼ କଥା ବୋଲି ଭାବେ । ମୁଁ ଏବେ କ୍ଲାସ -୯ରେ ପଢୁଛି । ପାଠ ହେଉଛି ମୋର ପ୍ରଥମ ଦାୟିତ୍ୱ । ସ୍କୁଲ, ଟ୍ୟୁସନ ବ୍ୟତୀତ ଘରେ ମୋତେ କିଛି କାମ କରିବାକୁ ପଡିଥାଏ । ବେଳେବେଳେ ବାବା-ମାମା ମୋତେ କିଛି କାମ କରିବାକୁ କହିଥାଆନ୍ତି । ସେହି ସବୁ କାମକୁ ବେଶ୍ ଦାୟିତ୍ୱର ସହ ତୁଲାଇଥାଏ ।


– **ଆଦିତ୍ୟ ପଣ୍ଡା**, କ୍ଲାସ-୯, ସେଣ୍ଟ ଯୋଶେଫ୍ ଉଚ୍ଚ ବିଦ୍ୟାଳୟ, ଭୁବନେଶ୍ୱର



୧



୨





୩



୪



୫



୬



୭



୮



**ସୌମ୍ୟ ରଞ୍ଜନ ଦାସ**
କ୍ଲାସ- ୭,
ସେକେଣ୍ଡାରୀ ବୋର୍ଡ
ହାଇସ୍କୁଲ,
ନିମସାହି, କଟକ

୧

**ଆଦ୍ୟା ତ୍ରିପାଠୀ**
କ୍ଲାସ-୩, ସେଣ୍ଟ
ଯୋଶେଫ ହାଇସ୍କୁଲ,
ୟୁନିଟ୍-୯,
ଭୁବନେଶ୍ୱର



୨



**ଆୟୁଷ ମିଶ୍ର**
କ୍ଲାସ- ୮, ବିଜେଇଏମ୍
ସ୍କୁଲ, ବିଜେବି
ନଗର,
ଭୁବନେଶ୍ୱର

୩

**ଉତ୍କର୍ଷ ପ୍ରଧାନ**
କ୍ଲାସ-୨, ଡିଏଭି
ପବ୍ଲିକ ସ୍କୁଲ,
ପୋଖରୀପୁଟ,
ଭୁବନେଶ୍ୱର



୪



**ସାଇ ଶିବେଶ ବେହେରା**
କ୍ଲାସ- ୫, କାର୍ମେଲ
ସ୍କୁଲ, ରାଉରକେଲା

୫

**ସମନ୍ୱିତା ଜେନା**
କ୍ଲାସ-୩, ସେଣ୍ଟ
ଜାଭିୟର୍ସ ହାଇସ୍କୁଲ,
ମଙ୍ଗଳପୁର,
ଯାଜପୁର



୬



**ବିଶ୍ୱ ଦର୍ଶନ ବେହେରା**
କ୍ଲାସ-୮,
ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର,
ବରମୁଣ୍ଡା, ଭୁବନେଶ୍ୱର

୭

**ମନୀଷା ପ୍ରିୟଦର୍ଶିନୀ ଖଣ୍ଡେଇ**
କ୍ଲାସ-୮, ବିବେକାନନ୍ଦ
ଶିକ୍ଷାକେନ୍ଦ୍ର, ବିସିପୁର, ଉଦଳା,
ମୟୂରଭଞ୍ଜ



୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ସବୁଠୁ ବଡ଼ ପିଆଜ



ଆବଶ୍ୟକ ଅନୁସାରେ ସମସ୍ତେ ହୁଏତ ୧ କିମ୍ବା ୨ କିଲୋଗ୍ରାମ୍ ପିଆଜ କିଣିଥାନ୍ତି। କିନ୍ତୁ ଗୋଟିଏ ପିଆଜ ୯କିଲୋଗ୍ରାମ୍‌ର ହୋଇପାରେ ଏକଥା ଖୁବ୍ କମ୍ ଜାଣିଥିବେ। ମାତ୍ର ଏମିତି ଏକ ପିଆଜ ଚାଷ କରିଛନ୍ତି ଇଂଲଣ୍ଡର ଗରେଥ୍ ଗ୍ରିଫିନ୍। ଏତେ ବଡ଼ ପିଆଜ ଚାଷ କରିପାରିଥିବାରୁ ତାଙ୍କ ନାଁ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି। ଗତବର୍ଷ ସେପ୍ଟେମ୍ବର ମାସରେ ଗ୍ରିଫିନ୍ ତାଙ୍କର ଏହି ପିଆଜଟିକୁ ନେଇ ଇଂଲଣ୍ଡର ଲର୍ଥ ୟର୍କଶ୍ରୀଠାରେ ଏକ ପୁଷ୍ପ ପ୍ରଦର୍ଶନୀରେ ପ୍ରଦର୍ଶିତ କରାଇଥିଲେ। ପିଆଜର ଓଜନ ୮.୯୭ କିଲୋଗ୍ରାମ୍ ହୋଇଥିବା ଜଣାପଡିବା ପରେ ତାଙ୍କୁ ଗିନିଜ୍ ରେକର୍ଡରେ ସ୍ଥାନ ମିଳିଥିଲା। ଗ୍ରିଫିନ୍ ବର୍ଷ ବର୍ଷ ଧରି ପିଆଜ ଚାଷ କରନ୍ତି, ମାତ୍ର ଏହି ଥର ତାଙ୍କର ପିଆଜ ବହୁତ ବଡ ହୋଇଥିବାରୁ ସେ ବହୁତ ଖୁସି ହୋଇଯାଇଥିଲେ। ଗ୍ରିଫିନଙ୍କ ପୂର୍ବରୁ ୨୦୧୪ ମସିହାରେ ସବୁଠୁ ବଡ ପିଆଜଭାବେ ୮.୫ କିଲୋଗ୍ରାମ୍‌ର ଏକ ପିଆଜ ଗିନିଜ୍ ରେକର୍ଡରେ ସ୍ଥାନ ପାଇଥିଲା।

# ଏଥରର

- ସ୍ୱାଧୀନ ଭାରତର ପ୍ରଥମ ଆଇନ ମନ୍ତ୍ରୀ ?
- ଭାରତରେ ପ୍ରଥମ ଥର ପାଇଁ ବାଳିକା ବିଦ୍ୟାଳୟ କିଏ ଖୋଲିଥିଲେ ?
- ଭାରତରେ ପ୍ରଥମ ମହିଳା ପାଇଲଟ୍ ?
- ଅଶୋକ ଚକ୍ର ସମ୍ମାନ ପାଇଥିବା ପ୍ରଥମ ଭାରତୀୟ ମହିଳା ?
- ଜାଲିଓ୍ୱାନାବାଗ ହତ୍ୟାକାଣ୍ଡ କେବେ ହୋଇଥିଲା ?

## ଗତଥରର ଉତ୍ତର



- ଧଳା
- ଜର୍ଜ ଓ୍ୱାଶିଂଟନ୍
- ଅଷ୍ଟ୍ରେଲିଆ
- ମୋଷ୍ଟ ଭ୍ୟାଲୁଏବୁଲ ପ୍ଲେୟାର
- ଆଲାସ୍କା



# ଏବେଠୁ ଏତେ

## କବିତା

ଚାରିଆଡ଼େ ଦେଖ ଧୂ ଧୂ ଖରା
ବାଟୋଇ ଯାଉଛି ଥକି
ବଗ କହୁଅଛି ବଗୁଲୀକୁ ଚାହିଁ
କ'ଣ ଦେଖିଲୁ ବୋକି।
ଗଛ ପରେ ବସି ବଗୁଲୀ କହୁଛି
ଆଜି ସିନା ଉପାସରେ
ଏବେଠୁ ତ ଏତେ ଗ୍ରୀଷ୍ମ ପ୍ରବାହ
ମାରୁଛି ଝାଞ୍ଜି ବାଆରେ।
ଗାଡ଼ିଆ ପୋଖରୀ ନଈ ନାଳ ଯେତେ
ସବୁ ତ ଗଲାଣି ଶୁଖି
ଆଜିର ଖାଇବା କାଲିକି ନାହିଁ
କାହାଠୁ ଆଣିବା ବାକି।
ଏବେଠୁ ତ ଏତେ ନିଅଣ୍ଟ ହେଲାଣି
ଋତୁ ଗ୍ରୀଷ୍ମ ଆଗରେ
ବଢ଼ି ବଢ଼ି ଯାଏ ସୂର୍ଯ୍ୟଙ୍କ ପ୍ରକୋପ
ବଞ୍ଚିବା ହେବ କଷ୍ଟରେ।
– ପ୍ରତିଭା ସାହୁ, ଅନୁଗୋଳ
ମୋ: ୭୦୦୮୨୩୬୯୯୧

# ମଧୁବାବୁ

ପିତା ରଘୁନାଥ ମାତା ପାରବତୀ
କୋଳରେ ଧରିଲେ ତୁମକୁ
ଓଡ଼ିଆ ଭାଷାରେ ପ୍ରଦେଶ ଗଢିକି
ଭେଟି ଦେଇଗଲ ଆମକୁ!
ପିଲାଠାରୁ ବୁଢ଼ା ସଭିଏଁ ଜାଣନ୍ତି
ମଧୁବାବୁଙ୍କର ନାମକୁ
ତୁମବିନା ଆଜି ଓଡ଼ିଆ ଲୋକଙ୍କ
ବୁଦ୍ଧି ହୋଇଲାଣି ବାମକୁ!
ଆଉଥରେ ଫେରି ଆସ ସଶରୀରେ
ତୁଚ୍ଛ କରି ସ୍ୱର୍ଗଧାମକୁ
ଏ ସାରା ଓଡ଼ିଶା ପ୍ରଶଂସା କରୁଛି
ତୁମ ଭାଷା ପ୍ରୀତି କାମକୁ!
– ଜଗଦୀଶ ସାହୁ
ସଂଜପଡା, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୦୭୮୧୮୫୬୧୬

# ଶ୍ରମିକ ଦିବସ



ପ୍ରତ୍ୟେକ ବରଷ ମେ ଏକ ତାରିଖ
ଶ୍ରମିକ ଦିବସ ଜଣା
ସେ ଦିନକୁ ଆମେ ପାଳିବା ନିଶ୍ଚୟ
ନ ହୋଇ କେବେବି ବଣା।
ଶ୍ରମିକ ସମ୍ମାନ ଅଧିକାର ପାଇଁ
ପାଳନ ହିଁ କରା ଯାଏ
ତାଙ୍କରି ହାତର ଯାଦୁକରୀ ବଳେ
କେତେ କାମ ହୋଇ ଥାଏ।
ପୁଞ୍ଜିବାଦୀ ମାନେ ମନ ଇଚ୍ଛା ମତେ
କାମରେ ଖଟାଉ ଥିଲେ
ଆନ୍ଦୋଳନ ବଳେ ଶେଷେ ସ୍ଥିର ହେଲା
ଆଠ ଘଣ୍ଟା ଜାଣ ପିଲେ।
ମେ ଏକ ତାରିଖ ଛୁଟି କରା ଗଲା
କାମ ସବୁ ବନ୍ଦ ପାଇଁ
ଶ୍ରମିକ ଭାଇଟି ସୁଖରେ ରହିଲେ
ଦେଶର ଉନ୍ନତି ଯାଇ।
– କୀର୍ତ୍ତନ ସାହୁ
ମିଶ୍ର କଲୋନୀ, ଶାଳ ପଡ଼ା, କେନ୍ଦୁଝର
ମୋ: ୯୪୩୮୪୧୪୭୦୧

# କହିଲ ଦେଖି



ସତ୍ୟଭାମାପୁରେ ଜନମ ହୋଇ
ସେ ଓଡ଼ିଶାକୁ କଲେ ଧନ୍ୟ
ଏ ଜାତିର ସେ ଯେ ଉତ୍କଳଗୌରବ,
ଆମର ସେ ଚିର ମାନ୍ୟ
ସ୍ୱାଭିମାନୀ ବୀର ଲଢୁଆ ଭାରି
ନାଁ ଶୁଣି ଡରନ୍ତି ଇଂରେଜ ଅରି
ଜାଣ କି ପିଲେ, କିଏ ସେ ମହାପୁରୁଷ
କୁଳବୃଦ୍ଧ ନାମେ ଗଣା ବି ହୁଅନ୍ତି
ସାରା ରାଇଜେ ଚିର ନମସ୍ୟ ।

**ଉ– ମଧୁସୂଦନ ଦାସ**




ଅଟଇ ତା' ଏକ ଶାସ୍ତ୍ରୀୟ ଭାଷା
କଣ୍ଢେ ଦିଏ କଥା, ଭାରି ସରସା
ସୁନ୍ଦର ତାହାର ଲିପି
ଗୋଲାକାର, ଆହା କେଡ଼େ ମନୋହର !
ହୃଦୟେ ଅକ୍ଷର ଛାପି..

**ଉ– ମାତୃଭାଷା ଓଡ଼ିଆ**



ସରସ ସୁନ୍ଦର ରାଇଜ ଆମ
ଧରା ବକ୍ଷେ ଆହା କି ଅନୁପମ !
କଳା–ସଂସ୍କୃତିରେ ଭରପୂର ସେ
ହସି ଖେଳୁ ଏଠି ମନ ହରଷେ
ଖାଦ୍ୟ ବି ତାହାର ଲାଗେ ସୁସ୍ୱାଦୁ
ପିଠା ପଣା ଯେତେ ଯେମିତି ମଧୁ !
ସେ ଆମ ଜନନୀ – ଏ ମାତୃଭୂମି
ଋଣୀ ଆମେ ଚିର, ଏଠି ଜନମି ..

**ଉ– ଓଡ଼ିଶା**

– ରୁଦ୍ରମାଧବ ସାହୁ
ବାଘମୁଣ୍ଡା, କାକଟପୁର, ପୁରୀ
ମୋ: ୬୩୭୦୦୧୩୧୨୬୯



# ଦାମୀ ତଲ୍‌ୱାର

ପିଲାଏ, ବିଭିନ୍ନ ପୌରାଣିକ ଧାରାବାହିକ ନିଶ୍ଚୟ ଦେଖିଥିବ। ବିଶେଷଭାବରେ 'ରାମାୟଣ' ଏବଂ 'ମହାଭାରତ' ବିଗତ ଦିନରେ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲା। ରାଜାରାଜୁଡା ସମୟରେ ଯେଉଁ ଯୁଦ୍ଧ ହେଉଥିଲା ସେଥିପାଇଁ ଧନୁତୀର, ଖଣ୍ଡା ଆଦି ବ୍ୟବହାର କରାଯାଉଥିଲା। ମାତ୍ର ଏବେ ଏଭଳି ଅସ୍ତ୍ରଶସ୍ତ୍ରର ବ୍ୟବହାର କମି ଗଲାଣି। କେତେକ ଧର୍ମର ପ୍ରତୀକ ଭାବରେ ଖଣ୍ଡାକୁ ବ୍ୟବହାର କରାଯାଉଛି। ପୁଣି ଯେଉଁ ଅଳ୍ପ କେତେକ ଦେଶରେ ରାଜାରାଜୁଡା ଶାସନ ପ୍ରଚଳିତ ସେଠାରେ ଖଣ୍ଡା ଦେଖିବାକୁ ମିଳିଥାଏ। ଗୋଟିଏ ଖଣ୍ଡାର ମୂଲ୍ୟ କେତେ ହୋଇପାରେ ? ତାହା ହଜାରେ କିମ୍ବା ତା'ଠାରୁ ହୁଏତ ଅଧିକ ହୋଇପାରେ। କିନ୍ତୁ ଏଭଳି ଏକ ଖଣ୍ଡା ବା ତଲୱାର ଅଛି, ଯାହାର ମୂଲ୍ୟ କେତେ ଜାଣିଛ ? ପ୍ରାୟ ୮୦୦ କୋଟିରୁ ଅଧିକ। ଏହି ଦାମୀ ତଲୱାର୍‌ର ନାମ ଫୁକୁସିମା ମାସାନୋରୀ ସାମୁରାଇ। ଏହି ତଲ୍‌ୱାରର ମାଲିକ ଥିଲେ ଜାପାନର ଫୁକୁସିମା ମାସାନୋରୀ।

# ଅଗ୍ନି କ୍ଷେପଣାସ୍ତ୍ର

ଦିପୁର ଗ୍ରୀଷ୍ମଛୁଟି ହୋଇଥାଏ। ସେ ଭଦ୍ରକରେ ରହୁଥିବା କକାଙ୍କ ଘରକୁ ଯାଇଥାଏ। କକା ମହେଶ୍ୱରବାବୁ ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରେ ଇଞ୍ଜିନିୟର ଭାବେ କାର୍ଯ୍ୟରତ। ଦିନେ ରାତିରେ ଦିପୁ ପଚାରିଲେ, କକା, ଆପଣ କାମ କରୁଥିବା କ୍ଷେପଣାସ୍ତ୍ର ଘାଟିର କାମ କ'ଣ ? କକା କହିଲେ, ଦିପୁ, ଆମ ଦେଶର ଜଣେ ରାଷ୍ଟ୍ରପତି ପୂର୍ବରୁ ବୈଜ୍ଞାନିକ ଥିଲେ। ସେ କିଏ କହିଲୁ ? ଦିପୁ ସଙ୍ଗେ ସଙ୍ଗେ ଉତ୍ତରଦେଲା, ଡ. ଏ.ପି.ଜେ. ଅବ୍‌ଦୁଲ୍ କଲାମ୍। ତାଙ୍କୁ ମିଶାଇଲ୍ ମ୍ୟାନ୍ ମଧ୍ୟ କୁହାଯାଉଥିଲା। କକା କହିଲେ, ତୁ ଠିକ୍ ଉତ୍ତର ଦେଇଛୁ। ତାଙ୍କରି ନାମରେ କ୍ଷେପଣାସ୍ତ୍ର ଘାଟିର ନାମକରଣ କରାଯାଇଛି। ଏଠାରେ ଯୁଦ୍ଧ ସମୟରେ ବ୍ୟବହାର କରାଯାଉଥିବା ବିଭିନ୍ନ ପ୍ରକାର କ୍ଷେପଣାସ୍ତ୍ରଗୁଡ଼ିକୁ ପରୀକ୍ଷା କରାଯାଇଥାଏ। ଡ. କାଲାମ୍‌ଙ୍କ ତତ୍ତ୍ୱାବଧାନରେ ଅନେକ କ୍ଷେପଣାସ୍ତ୍ର ନିର୍ମାଣ କରାଯାଇଥିଲା। ସେଗୁଡ଼ିକୁ ସଂକ୍ଷିପ୍ତରେ ଇଂଲିଶ୍‌ରେ P-A-T-N-A କୁହାଯାଏ। 'P'ର ଅର୍ଥ ପୃଥ୍ୱୀ, 'A'ର ଅର୍ଥ ଅଗ୍ନି, 'T'ର ଅର୍ଥ ତ୍ରିଶୂଳ,'N'ର ଅର୍ଥ ଅଗ୍ନି ଓ 'A'ର ଅର୍ଥ ଆକାଶ,ଏଭଳି ପାଞ୍ଚ ପ୍ରକାରର କ୍ଷେପଣାସ୍ତ୍ର ବର୍ତ୍ତମାନ ସୁଦ୍ଧା ପରୀକ୍ଷା କରାଯାଇଛି। ଦିପୁ ପଚାରିଲେ,କକା, ଏଗୁଡ଼ିକର ବେଗ ନିଶ୍ଚୟ ଉଡାଜାହାଜର ବେଗଠାରୁ ଅଧିକ ଥିବ। କକା ହସି ହସି କହିଲେ,'ତୁମେ ଏହାର ବେଗକୁ ଉଡ଼ାଜାହାଜ କିମ୍ବା ହେଲିକପ୍ଟର ସହିତ ତୁଳନା କରିପାରିବ ନାହିଁ। ଏହାର ବେଗକୁ 'ରେଞ୍ଜ' କୁହାଯାଏ। ପ୍ରଥମେ ପ୍ରଥମେ ନିର୍ମାଣ କରାଯାଇଥିବା ପୃଥ୍ୱୀ, ତ୍ରିଶୂଳ, ନାଗ୍ କ୍ଷେପଣାସ୍ତ୍ରର ରେଞ୍ଜ ୭୦୦ କିମିରୁ କମ୍ ଥିଲା। ତା'ର ରେଞ୍ଜକୁ ବୃଦ୍ଧି କରାଯାଇ ଅଗ୍ନି-୧, ଅଗ୍ନି-୨, ଅଗ୍ନି-୩, ଅଗ୍ନି-୪ ଓ ବର୍ତ୍ତମାନ ଅଗ୍ନି-୫ ନିର୍ମାଣ କରାଯାଇଅଛି। ଅଗ୍ନି-୧ର ରେଞ୍ଜ ଥିଲା ୭୦୦ରୁ ୮୦୦ କି.ମି, ଯାହା ୧୯୮୯ରେ ଚାନ୍ଦିପୁର ଘାଟିରେ ପରୀକ୍ଷା କରାଯାଇଥିଲା। ତା'ପରେ ଅଗ୍ନି-୨ର ରେଞ୍ଜ ବୃଦ୍ଧି କରାଯାଇ ୨୦୦୦-୨୭୦୦କିମି ହେଲା ଓ ତାକୁ ୧୯୯୪ରେ ପରୀକ୍ଷା କରାଗଲା। ପୁଣି ଅଗ୍ନି-୩ର ରେଞ୍ଜ ୩୫୦୦କିମିରୁ ଅଧିକ କରାଯାଇ ୨୦୦୬ରେ ଏହାର ସଫଳ ପରୀକ୍ଷା କରାଯାଇଥିଲା। ସେହିପରି ୩୫୦୦କିମିର ରେଞ୍ଜ ଥିବା ଅଗ୍ନି-୪କୁ ୨୦୧୧ ଓ ୨୦୧୨ରେ ଧାମରାସ୍ଥିତ ହ୍ୱିଲର ଦ୍ୱୀପର ଘାଟିରେ ପରୀକ୍ଷା ହୋଇଥିଲା। ଏହାପରେ ଅଗ୍ନି-୫ ଦୂରଗାମୀ କ୍ଷେପଣାସ୍ତ୍ର ୫୦୦୦କିମି ଲକ୍ଷ୍ୟଭେଦ କରିବା ପାଇଁ ପ୍ରଥମେ ୨୦୧୨ରେ ପରୀକ୍ଷଣ କରାଯାଇଥିଲା। ସେହି ବର୍ଷଠାରୁ ପ୍ରାୟ ପ୍ରତ୍ୟେକ ବର୍ଷ ଅଗ୍ନି-୫ କ୍ଷେପଣାସ୍ତ୍ରର ପରୀକ୍ଷଣ କରାଯାଉଅଛି।ଚଳିତ ବର୍ଷ ଏପ୍ରିଲ ୧୧ ତାରିଖ ସନ୍ଧ୍ୟା ୬ଘ. ୫୬ମି ସମୟରେ ଦଶମ ଥର ପାଇଁ ଏହାର ସଫଳ ପରୀକ୍ଷଣ କରାଯାଇଥିଲା, ଯାହାର ରେଞ୍ଜ ଥିଲା ୭୦୦୦କିମି। ଦିପୁ ପଚାରିଲେ, କକା ଏହି ଅଗ୍ନି-୫ ଏତେଶୀଘ୍ର ଏତେ ଦୂରକୁ ଯାଇପାରୁଛି, ତେଣୁ ଏହାର ଓଜନ ଓ ଦୈର୍ଘ୍ୟ କେତେ ? କକା କହିଲେ, ତୁ ଭଲ ପ୍ରଶ୍ନଟିଏ ପଚାରିଲୁ। ଏହି ଅଗ୍ନି-୫ର ଦୈର୍ଘ୍ୟ ହେଉଛି ୧୭.୫ମି ଓ ବ୍ୟାସ ୨ମି। ଏହାର ଓଜନ ୫୦ଟନ୍ ବା ୫୦,୦୦୦ କିଲୋଗ୍ରାମ; ଯାହା ୨୦ ମିନିଟ୍‌ରେ ୭୦୦୦କିମିରୁ ଅଧିକ ଯାଇପାରୁଛି। ଦିପୁ ପଚାରିଲେ, କକା, ଏହି କ୍ଷେପଣାସ୍ତ୍ର ଆମ ଦେଶରେ ତିଆରି ହେଉଛି କି ? କକା କହିଲେ- ହଁ। ଆମର ବୈଜ୍ଞାନିକଙ୍କ ନିଜସ୍ୱ ଜ୍ଞାନ







କୌଶଳରେ ଏହି ଅଗ୍ନି-୫ ତିଆରି ହୋଇଛି। ଏମାନଙ୍କ ଭିତରେ ଜଣେ ମହିଳା ବୈଜ୍ଞାନିକ ଟେସି ଥୋମାସ୍‌ଙ୍କ ଅବଦାନ ଯଥେଷ୍ଟ ବେଶୀ। ସେ ଏ.ପି.ଜେ. ଅବ୍‌ଦୁଲ କଲାମଙ୍କ ଶିଷ୍ୟା। ଟେସି ଅଗ୍ନି-୪ କ୍ଷେପଣାସ୍ତ୍ରର ମୁଖ୍ୟା ଭାବେ କାର୍ଯ୍ୟ କରିଥିଲେ। ଅଗ୍ନି ୫ କ୍ଷେପଣାସ୍ତ୍ର ପ୍ରସ୍ତୁତି ପାଇଁ ୨୫୦୦କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଦିପୁ ପଚାରିଲେ- କକା,ତାହାହେଲେ ଅଗ୍ନି-୫ ପରେ ପୁଣି ଅଗ୍ନି-୬ କ୍ଷେପଣାସ୍ତ୍ର ତିଆରି ହେବ କି? କକା କହିଲେ-ହଁ, ଅଗ୍ନି-୬ର ପ୍ରଥମ ପରୀକ୍ଷା ଏହି ମାସରେ ହେବ। ପୁଣି ଅଗ୍ନି-P ନାମକ ଆଉ ଏକ କ୍ଷେପଣାସ୍ତ୍ର, ଯାହା ଅଗ୍ନି-୧ ଓ ୨ ବଦଳରେ କାମ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଦିପୁ, ଏସବୁ ଶୁଣିବା ପରେ କ୍ଷେପଣାସ୍ତ୍ର ବିଷୟରେ ତୋର ମୋଟାମୋଟି କ'ଣ ଧାରଣା ହେଲା ? ଦିପୁ କହିଲା, କକା ! ସମୁଦ୍ର କୂଳରେ ରହି ଶତ୍ରୁ ପକ୍ଷର ଯୁଦ୍ଧାସ୍ତ୍ରକୁ ଧ୍ୱଂସ କରିବ ଆମର ଏହି କ୍ଷେପଣାସ୍ତ୍ର। ଫଳରେ ଆମର ଧନ ଜୀବନର କୌଣସି କ୍ଷତି ହେବ ନାହିଁ। କକା କହିଲେ-ଠିକ୍ ଭାବେ ତୁ ସବୁ କଥା ବୁଝିପାରିଲୁ। ଏହା ଦ୍ୱାରା ଆମ ଜାତିସଂଘ ନିରାପତ୍ତା ପରିଷଦରେ ଆମେରିକା, ବ୍ରିଟେନ୍, ଚାଇନା, ଫ୍ରାନ୍ସ, ରୁଷିଆ ଭଳି ପ୍ରତିରକ୍ଷା କ୍ଷେତ୍ରରେ ଆମର ସମ୍ମାନ ବଢ଼ିଛି, ଏଥିରେ କୌଣସି ସନ୍ଦେହ ନାହିଁ।

– **ବିନୋଦ ଚନ୍ଦ୍ର ଜେନା**, ଭିକ୍ଟୋରୀ କଲୋନୀ,
ପାରଳାଖେମୁଣ୍ଡି, ଗଜପତି
ମୋ: ୭୭୩୫୨୨୨୭୧୩



# ଆ ଇ ନା






ଅଲିଶା ସାହୁ
୬ ବର୍ଷ, ଭୁବନେଶ୍ୱର

ନିଳାକ୍ଷୀ ମିଶ୍ର
୬ ବର୍ଷ, ଭୁବନେଶ୍ୱର